# ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
### ସଂସ୍କୃତି ଭବନ, ଭୁବନେଶ୍ୱର -୧୪

**'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ'** ପ୍ରଦାନ ନିମନ୍ତେ ଦରଖାସ୍ତ ଆହ୍ୱାନ

୧. ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ 'ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ' ନାମରେ ଏକ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ସମ୍ମାନ ସ୍ୱରୂପ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା କାର୍ଯ୍ୟରତ ସାହିତ୍ୟ ସଙ୍ଗଠନ / ସାହିତ୍ୟିକ/ସାହିତ୍ୟିକାଙ୍କୁ ସରକାରଙ୍କ ନିଷ୍ପତ୍ତି ପ୍ରକାରେ ନଗଦ ଅର୍ଥ ରାଶି ପ୍ରଦାନ ସହିତ ଅଙ୍ଗବସ୍ତ୍ର ଓ ତାମ୍ର ଫଳକ ପ୍ରଦାନ କରାଯିବ। ଏହି ସମ୍ମାନ ପ୍ରତ୍ୟେକ ବର୍ଷ ଜଣେ ବ୍ୟକ୍ତି ବିଶେଷ କିମ୍ବା ଗୋଟିଏ ସାହିତ୍ୟ ଅନୁଷ୍ଠାନକୁ ପ୍ରଦାନ କରାଯିବ ।

୨.(କ) ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ତଥା ଉନ୍ନତି ନିମନ୍ତେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରଥିତଯଶା ସାହିତ୍ୟିକ/ସାହିତ୍ୟିକାଙ୍କ ସାମଗ୍ରିକ ସାହିତ୍ୟ କୃତିକୁ ବିଚାରକୁ ନେଇ ଏହି ସମ୍ମାନ ଦିଆଯିବ । ବ୍ୟାସକବି ଫକୀରମୋହନଙ୍କ ସମ୍ପର୍କରେ ଉତ୍କୃଷ୍ଟ ଆଲୋଚନା ବା ସାରସ୍ୱତ ରଚନାର କୃତିତ୍ୱକୁ ଅଗ୍ରାଧିକାର ଦିଆଯିବ।

(ଖ) ସାହିତ୍ୟ କ୍ଷେତ୍ରରେ ଉତ୍କୃଷ୍ଟ ଓ ନିରନ୍ତର କାର୍ଯ୍ୟରତ ସଙ୍ଗଠନର କାର୍ଯ୍ୟଧାରାକୁ ବିଚାରକୁ ନେଇ ଏହି ସମ୍ମାନ ପ୍ରଦାନ କରାଯିବ। ଯେଉଁ ସାରସ୍ୱତ ଅନୁଷ୍ଠାନ ଅତି କମ୍‌ରେ ୫ ବର୍ଷ ଧରି ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ /ଅଗ୍ରଗତି ପାଇଁ ନିରନ୍ତର କାର୍ଯ୍ୟ ଅବ୍ୟାହତ ରଖିଥିବେ ତାଙ୍କୁ ଏ ସମ୍ମାନ ପ୍ରଦାନ ପାଇଁ ବିଚାରକୁ ନିଆଯିବ। ଯେଉଁ ଅନୁଷ୍ଠାନ ଫକୀରମୋହନଙ୍କ ସାହିତ୍ୟର ପ୍ରଚାର/ପ୍ରସାର ପାଇଁ କାର୍ଯ୍ୟ କରିଥିବେ ସେହି ଅନୁଷ୍ଠାନକୁ ଏ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ।

୩. ଏଥିପାଇଁ ସାହିତ୍ୟିକ/ସାହିତ୍ୟିକାଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବା ଆବଶ୍ୟକ।

୪. ସାହିତ୍ୟିକ ସଙ୍ଗଠନ କ୍ଷେତ୍ରରେ ଅନୁଷ୍ଠାନ ଅନ୍ୟୁନ ୫ ବର୍ଷ ପୂର୍ବରୁ ପଞ୍ଜିକୃତ ହୋଇଥିବା ଆବଶ୍ୟକ ଏବଂ ବିଗତ ୫ ବର୍ଷର କାର୍ଯ୍ୟାବଳୀ ସହିତ ସମୀକ୍ଷା ବିବରଣୀ ଦାଖଲ କରିବା ଅପରିହାର୍ଯ୍ୟ ।

୫. ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ।

୬. ଆବେଦନ କରିଥିବା ସାହିତ୍ୟିକ / ସାହିତ୍ୟିକାମାନେ ପୂର୍ବରୁ ବିଭିନ୍ନ ଏକାଡେମୀ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ସାରସ୍ୱତ ସମ୍ମାନ ଯଥା ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର, କବିସମ୍ରାଟ ଉପେନ୍ଦ୍ରଭଞ୍ଜ ପୁରସ୍କାର ଓ ଧର୍ମପଦ ପୁରସ୍କାର ପ୍ରାପ୍ତ ହୋଇନଥିବେ।

୭. ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ ଚୟନ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ସେ ସମ୍ବନ୍ଧରେ କୌଣସି ବ୍ୟକ୍ତିବିଶେଷ / ଅନୁଷ୍ଠାନର ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ।

୮. ଏହି ପୁରସ୍କାର ପାଇଁ ଉପଯୁକ୍ତ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ଉପଲବ୍ଧ ନ ହେଲେ ସେହି ବର୍ଷ ପାଇଁ ଏହି ସମ୍ମାନ ପ୍ରଦାନ କରାଯିବ ନାହିଁ।

୯. ନିଜେ ପ୍ରାର୍ଥୀ କିମ୍ବା କୌଣସି ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ପ୍ରାର୍ଥୀଙ୍କ ସପକ୍ଷରେ ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ ଫର୍ମ ସଠିକ ଭାବେ ପୂରଣ କରି ୨୦ ନଭେମ୍ବର ୨୦୧୮ ମଧ୍ୟରେ ସରକାରୀ କାର୍ଯ୍ୟ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୧୪ରେ ଦାଖଲ କରି ପାରିବେ। ନିର୍ଦ୍ଦିଷ୍ଟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣୀୟ ହେବ ନାହିଁ। ଏ ବିଷୟରେ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ସୁରେଶ ଚନ୍ଦ୍ର କର, ସଂସ୍କୃତ ବିଦ୍ୱାନ୍, ମୋ-୯୪୩୯୯୧୧୯୮୭ଙ୍କ ସହ ଯୋଗାଯୋଗ କରିପାରିବେ ।

୧୦. ଆବେଦନ ସମ୍ବନ୍ଧୀୟ ତଥ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର website : www.odishaculture.gov.inରେ ମଧ୍ୟ ଉପଲବ୍ଧ ଅଟେ ।

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା, ଭୁବନେଶ୍ୱର

# ଆବେଦନ ଫର୍ମ

## ବ୍ୟାସକବି ଫକୀରମୋହନ ଓଡ଼ିଆ ଭାଷା ସମ୍ମାନ - ୨୦୧୮

୧. ସାହିତ୍ୟିକ / ସାହିତ୍ୟିକା / ଅନୁଷ୍ଠାନଙ୍କ ନାମ :

୨. ସାହିତ୍ୟିକ / ସାହିତ୍ୟିକା / ଅନୁଷ୍ଠାନଙ୍କ ଠିକଣା ଓ ଫୋନ୍ ନଂ. :

୩.(କ) ଜନ୍ମ ତାରିଖ (ବ୍ୟକ୍ତିଙ୍କ କ୍ଷେତ୍ରରେ) :

(ଖ) ପଞ୍ଜିକରଣ ତାରିଖ ଓ ସ୍ଥାନ ( ଅନୁଷ୍ଠାନ କ୍ଷେତ୍ରରେ) :
(ଆବଶ୍ୟକୀୟ ପ୍ରମାଣ ପତ୍ର ନକଲ ସଂଯୋଗ କରିବେ)

୪. ସାହିତ୍ୟିକ ଗବେଷଣା / କୃତିର ସବିଶେଷ ବିବରଣୀ :
(ସମ୍ବନ୍ଧିତ କାଗଜ ପତ୍ର ଦାଖଲ କରିବେ )

୫. ବ୍ୟାସକବି ଫକୀରମୋହନଙ୍କ ରଚନା ଉପରେ କରିଥିବା
ଗବେଷଣା ତଥା ସାହିତ୍ୟକ ପର୍ଯ୍ୟାଲୋଚନାର
ସବିଶେଷ ବିବରଣୀ (ସମ୍ବନ୍ଧିତ କାଗଜ ପତ୍ର ଦାଖଲ କରିବେ) :

୬. ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲାଭ କରିଥିବା ପୁରସ୍କାରର ବିବରଣୀ :
(ପ୍ରମାଣ ପତ୍ରର ନକଲ ଦାଖଲ କରିବେ)

୭. ଅନୁଷ୍ଠାନ କ୍ଷେତ୍ରରେ ବିଗତ ପାଞ୍ଚ ବର୍ଷର କାର୍ଯ୍ୟ ଓ
ବ୍ୟୟ ସମୀକ୍ଷା ବିବରଣୀ :

ଉପରୋକ୍ତ ସମସ୍ତ ତଥ୍ୟ ସଠିକ ଅଟେ ।

ସାହିତ୍ୟିକ / ସାହିତ୍ୟିକା/ ପ୍ରସ୍ତାବକଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର .
(ଅନୁଷ୍ଠାନ କ୍ଷେତ୍ରରେ ତତ୍ତ୍ୱାବଧାରକଙ୍କ ସ୍ୱାକ୍ଷର)